# ଗ୍ରାମୀଣ କୃଷି ମୌସମ ସେବା, କେନ୍ଦୁଝର
# ଜିଲ୍ଲାସ୍ତରୀୟ ପାଣିପାଗ ଭିତ୍ତିକ କୃଷି ଉପଦେଶ ସେବା
# ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର

ସପ୍ତାହ -04 ତାରିଖ-24.01.2024

## ପାଣିପାଗ ଭିତ୍ତିକ କୃଷି ଉପଦେଶ – କେନ୍ଦୁଝର ଜିଲ୍ଲା ନିମନ୍ତେ

ଆସନ୍ତା ପାଞ୍ଚ ଦିନ ମଧ୍ୟରେ **ଅତି ହାଲୁକା ରୁ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି ।** ପବନ ର ବେଗ **4-5** କି. ମି. ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି ଏବଂ ଏହି ସମୟରେ ସର୍ବାଧିକ ତାପମାତ୍ରା **16-26** ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା **11-14** ଡିଗ୍ରୀ ରହିବାର ସମ୍ଭାବନା ରହିଛି ।

| | **Date** | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh MIN (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| **KENDUJHARGARH** | 25-01-2024 | 12 | 16 | 14 | 8 | 96 | 81 | 5 | 90 |
| | 26-01-2024 | 0 | 22 | 14 | 6 | 87 | 45 | 5 | 115 |
| | 27-01-2024 | 0 | 25 | 12 | 3 | 75 | 35 | 4 | 154 |
| | 28-01-2024 | 0 | 25 | 11 | 1 | 68 | 40 | 5 | 120 |
| | 29-01-2024 | 0 | 26 | 11 | 1 | 74 | 34 | 4 | 158 |

**ସାଧାରଣ ପରାମର୍ଶ :**

IMD ପୂର୍ବାନୁମାନ ଅନୁଯାୟୀ, ଆଗାମୀ ଦିନରେ **ଅତି ହାଲୁକା ରୁ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି ।**

- ଆଗାମୀ ଦିନରେ ବର୍ଷା ର ସମ୍ଭାବନା ଥିବାରୁ ଜଳ ସେଚନ କୁ ସ୍ଥଗିତ ରଖନ୍ତୁ ।
- କ୍ଷେତ ରେ ଅଧିକ ଜଳ ହୋଇଗଲେ ଜଳ ନିଷ୍କାସନ ର ବ୍ୟବସ୍ଥା କରନ୍ତୁ ।

- କୀଟନାଶକ ସିଂଚନ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ।
- ରବି ଫସଲ ଲଗେଇବା ଶେଷ କରନ୍ତୁ।
- ବର୍ଷା କୁ ନଜର ରଖି, ଜଉ ପୋକ ର ଦମନ ପାଇଁ Imidachloprid କିମ୍ୱା Dimethoate ସିଂଚନ କରନ୍ତୁ।

**ସୋରିଷ ଏବଂ ତୋରିଆ:**

- କ୍ଷେତ ରେ ଘାସ ଅଧିକା ହେଇଗଲେ କୋଡା ଖୋସା କରନ୍ତୁ କିମ୍ୱା ଘାସ ବାଛି ଦିଅନ୍ତୁ।
- ପତ୍ର ରୋଗ କିମ୍ୱା ପତ୍ର ଦାଗ ଦେଖା ଗଲେ, Carbendazim+ Mancozerb ଓ Hexaconazole କିମ୍ୱା Chlorothalonil @ 2 g/lt ପାଣିରେ ମିଶାଇ ସିଂଚନ କରନ୍ତୁ।
- ଜଉପୋକ ର ଦମନ ପାଇଁ Methyl Demeton @ 0.02% ସିଂଚନ କରନ୍ତୁ।
- ଫୁଲ ଦେବା ସମୟରେ Urea ସାର ଟପ ଡ୍ରେସିଂ ହିସାବ ରେ ପକାନ୍ତୁ।

**ସୂର୍ଯ୍ୟମୁଖୀ:**

- ଫୁଲ ଧରିବା ସମୟରେ Borax 10% @ 2 g/lt ପାଣିରେ ମିଶାଇ ସିଂଚନ କରନ୍ତୁ। ଏହା ଦ୍ୱାରା ଫୁଲ ଓ ମଞ୍ଜି ଭଲଭାବରେ ହୋଇଥାଏ।
- ଯେଉଁ ଜାଗାରେ ଜଳ ସିଂଚନ ର ଅସୁବିଧା ଅଛି, ସେଠି Agri aqua gel ଏକର ପ୍ରତି 1-2 kg ବ୍ୟବହାର କରନ୍ତୁ।
- ଧଳା ମାଛି ଏବଂ ଉଙ୍କୁଣିଆ ପୋକ ର ନିୟନ୍ତ୍ରଣ ପାଇଁ Acephate ଓ Imidachloprid @ 1-2 g/lt ପାଣିରେ ମିଶାଇ ସିଂଚନ କରନ୍ତୁ।

**ପେଶୀ :**

- ଫୁଲ ଆସିବା ସମୟରେ Urea ର ଟପ ଡ୍ରେସିଂ କରନ୍ତୁ।
- ଉଈ ର ଦମନ ପାଇଁ Chloropyriphos ବ୍ୟବହାର କରନ୍ତୁ।
- କ୍ଷେତ ରୁ ଘାସ ବାଛି ଦିଅନ୍ତୁ ଏବଂ ସଫା ରଖନ୍ତୁ।

**ପନିପରିବା :**

- **ଫୁଲକୋବି:**
- ଫଲ ଆର୍ମି ୱର୍ମ କିମ୍ବା ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ Emamectin benzoate 5% SG @ 4-5 g/10lt ପାଣିରେ ମିଶାଇ ସିଂଚନ କରନ୍ତୁ।
- ଜଉପୋକ କୁ ନିୟନ୍ତ୍ରଣ ପାଇଁ ଏକର ପ୍ରତି 25 ଟି ଆଲୋକ ଜନ୍ତା ବସାନ୍ତୁ।
- ଦେହଳୀ ସୀମା ପାର ହୋଇଗଲେ ଏକର ପ୍ରତି Thiomethoxam 25% WG @ 80g କିମ୍ବା Acetamiprid 20% SP @ 30g/200 lt ପାଣିରେ ମିଶାଇ ସିଂଚନ କରନ୍ତୁ।

- **ବନ୍ଧାକୋବି:**
- କାଣ୍ଡବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ Chloropyriphos @ 2 ml/lt ବ୍ୟବହାର କରନ୍ତୁ।
- ବନ୍ଧାକୋବିରେ ଜଉପୋକ ର ଦମନ ପାଇଁ Dimethoate 30% EC @ 6 ml/10 lt କିମ୍ବା Malathion 50% EC @ 1.5 ml/lt ପାଣିରେ ମିଶାଇ ସିଂଚନ କରନ୍ତୁ।

- **ପାଳଙ୍ଗ:**
- ପତ୍ରଦାଗ ଦେଖା ଗଲେ Mancozeb କିମ୍ବା Carbendazim @ 1-2 g/lt ପାଣିରେ ମିଶାଇ ସିଂଚନ କରନ୍ତୁ।

- **ଲଙ୍କା:**
- ପତ୍ରମୋଡା ରୋଗ ର ନିୟନ୍ତ୍ରଣ ପାଇଁ Imidachloprid 17.8% SL @ 3 ml/10 lt ପାଣିରେ ମିଶାଇ ସିଂଚନ କରନ୍ତୁ।

- **ବାଇଗଣ:**
- ଫୁଲ ଆସିବା ସମୟ ରେ କିମ୍ବା ଗଛ ଲଗେଇବା ର 15 ଦିନ ପରେ, Borax @ 35 mg ପ୍ରତି  ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।
- ମାଟି ଶୁଖିଲା ଦେଖା ଗଲେ ଜଳ ସେଚନ କରନ୍ତୁ।
- ଘାସ ହେଇଥିଲେ, ବାଛିକି ସଫା କରିଦିଅନ୍ତୁ।

- **ଟମାଟୋ:**
- ଘାସ ବାଛି ଦିଅନ୍ତୁ ଏବଂ ଜମି କୁ ସଫା ରଖନ୍ତୁ।

- ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ Flubendiamide @ 5 g/10 lt ପାଣିରେ ମିଶାଇ ସିଂଚନ କରନ୍ତୁ।

**ଫୁଲ:**

- **ଗେଣ୍ଡୁ:**
- ଘାସ ବାଛି ଗଛ ମୂଳ କୁ ସଫା ରଖନ୍ତୁ।
- 30 ଦିନ ପରେ ଗଛର ଅଗକୁ ଛିଣ୍ଡାଇ ଦିଅନ୍ତୁ। ଏହା ଦ୍ଵାରା ଗଛରେ ଶାଖା ଅଧିକା ଆସିବ।
- ମିଳି ବଗ ର ଦମନ ପାଇଁ Profenophos କିମ୍ବା Dimethoate @ 2 ml/lt ସିଂଚନ କରନ୍ତୁ।

**ପଶୁ ପାଳନ:**

- **କୁକୁଡା ପାଳନ:**
- କୁକୁଡା ଚିଆଁ କୁ ଟୀକାକରଣ ନ କରେଇଥିଲେ, କରେଇଦିଅନ୍ତୁ।
- ଶୀତଳହରି ରୁ ରକ୍ଷା ପାଇଁ କୁକୁଡା ଘରକୁ ଚାରି ପଟରୁ ଘୋରେଇ ରଖନ୍ତୁ।

**TECHNICAL OFFICER**

---

ଉତ୍ତମ କୃଷି ସୁବିଧା ବ୍ୟବହାର ପାଇଁ, OUAT କାଲିଙ୍ଗା ଉତ୍ପାଦଗୁଡିକ (ବିହନ, ଚାରା ଏବଂ QPM, ଟିସୁ ସଂସ୍କୃତି ଉଦ୍ଭିଦ, ଫଳ ଏବଂ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, କୁକୁଡ଼ା ଛୁଆ, ପ୍ରଜାତି, ଛତୁ ଏବଂ ସ୍ପନ୍, ବାୟୋ-ସାର, ବାୟୋ-କୀଟନାଶକ, ଜିଆ ଖତ, ଭର୍ମି କମ୍ପୋଷ୍ଟ ଏବଂ ଫାର୍ମ ପ୍ରୟୋଗ) |

IMD ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ଅବସ୍ଥାନର ଏଗ୍ରୋ-ମେଟେରୋଲୋଜିକାଲ୍ ପରାମର୍ଶଦାତା ବର୍ତ୍ତମାନ ଇଂରାଜୀ ଏବଂ ଓଡିଆ ଭାଷାରେ ମେଘଦୂତ ମୋବାଇଲ୍ ଆପ୍ ରେ ଉପଲବ୍ଧ |

**Download: (Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**